# ଅବାଟରେ ପୌରପାଳିକା ନିୟମ; ଅସ୍ୱଚ୍ଛ ହେଉଛି ପରିବେଶ






ଯୋଡ଼ା, ୪।୪(ସମିସ):

କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାର ବିଭିନ୍ନ ୱାର୍ଡରେ ପୌରପାଳିକାର ନିୟମଗୁଡ଼ିକୁ ଖୋଲାଖୋଲି ଉଲଂଘନ କରୁଥିବା ଦେଖିବାକୁ ମିଳିଛି। ସହରର ବିଭିନ୍ନ ୱାର୍ଡର ରାସ୍ତା ଉପରେ ବାଲି, ଗୋଡ଼ି, ପକାଇ ଜନସାଧାରଣଙ୍କ ଯିବାଆସିବା ରାସ୍ତାକୁ ଅବରୋଧ କରି ବଡ଼ ବଡ଼ ଘର ନିର୍ମାଣ କରୁଥିବା ବେଳେ ପୌରପାଳିକା ନିଦାବିଷ୍ଟ ସାଜିଛି।

ଯୋଡ଼ା ପୌରପାଳିକାର ଅନେକ ୱାର୍ଡରେ ରାସ୍ତାକୁ ଅବରୋଧ କରି ବାଲି ଚିପ୍ସ ପକାଇବା ଦ୍ୱାରା ଜନସାଧାରଣ ଯିବାଆସିବାରେ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ଘର ନିର୍ମାଣ କରିଥିବା ବ୍ୟକ୍ତି ଖୋଲାଖୋଲି ଭାବେ ପୌରପାଳିକାର ନୂତନ ଘର ନିର୍ମାଣର ନିୟମକୁ ଉଲ୍ଲଂଘନ କରି ଚାଲିଛନ୍ତି। ଏ ବାବଦରେ ୱାର୍ଡ କାଉନସିଲରଙ୍କଠାରୁ ଅନୁମତି ନେବା ମଧ୍ୟ ଯଥାର୍ଥ ମଣୁ ନ ଥିବା ସୂଚନା ମିଳିଛି। ଏଥିନିମନ୍ତେ ପୌରପାଳିକା ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ଏଠାରେ ପ୍ରକାଶ ଥାଉ କି, ସାର୍ବଜନୀନ ରାସ୍ତା ଉପରେ କୌଣସି ନିର୍ମାଣ ସାମଗ୍ରୀ ରଖି ଯାତାୟାତକୁ ବାଧା ଦେବା ଅବୈଧ ଅଟେ। ନିର୍ମାଣ ପୂର୍ବରୁ ପୌରପାଳିକା ପାଖରୁ ଅନୁମତି ନେବା କିମ୍ବା ନିର୍ମାଣ ସାମଗ୍ରୀକୁ ନିଜ ଜାଗା ଉପରେ ରଖି ଘର ନିର୍ମାଣ କରିବା ଉଚିତ। ସେହିପରି ଯୋଡ଼ା ପୌରପାଳିକାର ବିଭିନ୍ନ ୱାର୍ଡରେ କିଛି ଗୃହକର୍ତ୍ତା ନିଜ ଶୌଚାଳୟ, ରୋଷେଇ ଘର, ଅଗଣା ଧୁଆ ପାଣିକୁ ରାସ୍ତା ଉପରେ ଖୋଲାମେଲା ଭାବେ ଛାଡି ଦେଇଥିବା ଦେଖିବାକୁ ମିଳୁଛି। ପ୍ରତିଦିନ ଉକ୍ତ ରାସ୍ତାଗୁଡ଼ିକରେ ସାଧାରଣ ଲୋକଟିଏ ଯିବାଆସିବା କରିବା ଦ୍ୱାରା ମଇଳା, ଅସ୍ୱଚ୍ଛ, ଅପରିଷ୍କାର ଜଳ ବାଟୋଇ ସଂସ୍ପର୍ଶରେ ଆସୁଛି। ସେ ଅପରିଷ୍କାର ପାଣିକୁ ମାଡି କିମ୍ବା ଡେଇଁ ଲୋକ ମନ୍ଦିର ଯାଉଛି। ବିଦ୍ୟାର୍ଥୀ ବିଦ୍ୟାଳୟ ଯାଉଛନ୍ତି। ମଟର ସାଇକଲ ଆରୋହୀ ଉକ୍ତ ପାଣି ଉପରେ ଯାଇ ଘର ଭିତରେ ପଶୁଛି। ଏହା ଦ୍ୱାରା ଅସ୍ୱଚ୍ଛ ପରିବେଶ ସୃଷ୍ଟି ହୋଇ ରୋଗ ପ୍ରସାରର ସମ୍ଭାବନା ରହୁଛି। ଏଥିସହିତ ଅନେକ ସଂକ୍ରାମକ ରୋଗ ସଂକ୍ରମଣ ହେବାର ଭୟ ରହୁଛି। ଏହାକୁ ନେଇ ଜନସାଧାରଣ ଅଭିଯୋଗ କରୁଛନ୍ତି। ସର୍ବସାଧାରଣ ରାସ୍ତା ଉପରେ ଏପରି ଅପରିଷ୍କାର, ଅପବିତ୍ର ପାଣିକୁ ଖୋଲାଖୋଲି ଛାଡ଼ିବା ଏକ ଦଣ୍ଡନୀୟ ଅପରାଧ ହୋଇଥିବା ବେଳେ ପୌରପାଳିକା ଏହାକୁ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଗାଧୁଆ ଘରର ବର୍ଜ୍ୟଜଳକୁ ପୌରପାଳିକାର ନିର୍ଦ୍ଦିଷ୍ଟ ଡ୍ରେନ କିମ୍ବା ନିଜ ସକ୍‌ପିଟକୁ ନେବା ଉଚିତ। ସହରକୁ ନିର୍ମଳ, ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବାରେ ପୌରପାଳିକାରେ ବସବାସ କରୁଥିବା ସମସ୍ତ ନାଗରିକଙ୍କ ଦାୟିତ୍ୱ ହେବା ଉଚିତ। ତେବେ ଅମାନିଆଙ୍କ ସ୍ଥଳେ ପୌରପାଳିକା ନିଜର କୋହଳ ମନୋଭାବକୁ ଦୂର କରି ପୌରପାଳିକା ନିୟମ ଅନୁଯାୟୀ ସ୍ୱଚ୍ଛତା ଓ ସାର୍ବଜନୀନ ସ୍ୱାସ୍ଥ୍ୟ ନିୟମ, ଓଡିଶା ପୌରପାଳିକା ଆଇନ, ସ୍ୱଚ୍ଛ ଭାରତ ମିଶନ ନିୟମ ଅନୁଯାୟୀ ସେକ୍ସନ ୨୬୦/୨୬୧, ସେକ୍ସନ ୨୫୪, ସେକ୍ସନ ୨୬୮/୨୬୯, ସେକ୍ସନ ୨୭୦, ସେକ୍ସନ ୨୭୮ ଲାଗୁ କରି ଅମାନିଆଙ୍କଠାରୁ ଜରିମାନା ଓ ଦଣ୍ଡବିଧାନ ଲାଗୁ ହେଲେ ଆଗକୁ ଲୋକ ସଚେତନ ହେବା ସହ ସହରରେ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ବୁଦ୍ଧିଜୀବୀ ମତ ବ୍ୟକ୍ତ କରୁଛନ୍ତି।

## ବୃଦ୍ଧା ନିଖୋଜ ନେଇ ଏତଲା

ଡୁରୁମୁଙ୍ଗା, ୪।୪(ସମିସ): ପାଟଣା ଥାନା ଉପାନ୍ତ ଅଞ୍ଚଳ ବନବୀର ଗ୍ରାମର ଜଣେ ୬୨ ବର୍ଷୀୟା ବୃଦ୍ଧା ଗତ ମାର୍ଚ୍ଚ ୧୨ ତାରିଖରୁ ନିଖୋଜ ହୋଇଥିବା ନେଇ ପାଟଣା ଥାନାରେ ଅଭିଯୋଗ ହୋଇଛି। ନିଖୋଜ ହୋଇଥିବା ମହିଳା ହେଲେ ଉକ୍ତ ଗ୍ରାମର ସାଲଗେମ ମାଝି। ଏନେଇ ତାଙ୍କ ଝିଅ ଗୁମି ପାଟଣା ଥାନାରେ ଅଭିଯୋଗ କରିବାର ୨୨ ଦିନ ପରେ ବି ମହିଳାଙ୍କ ଖୋଜଖବର ମିଳିନାହିଁ। ଏନେଇ ପାଟଣା ଥାନାରେ ୧୨/୨୬ରେ ଏକ ନିଖୋଜ ମାମଲା ରୁଜୁ ହୋଇ ପୁଲିସ ତଦନ୍ତ କରୁଛି ବୋଲି ଥାନାଧିକାରୀ କିରଣ ପ୍ରାସାଦ ସାହୁ କହିଛନ୍ତି।

## ଭୀମଆର୍ମି କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ; ରାଜରାସ୍ତାରେ ବିକ୍ଷୋଭ



ହାଟଡ଼ିହୀ,୪।୪(ସମିସ): ନନ୍ଦିପଦା ଥାନା ଅନ୍ତର୍ଗତ ଛେନାପଦିସ୍ଥିତ ସାନଭୀ ଫ୍ଲେକ୍ସଠାରେ ଗତକାଲି ଭୀମଆର୍ମି ସଂଘର ଜଣେ କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଆସନ୍ତା ୧୪ ତାରିଖ ବାବା ସାହେବ ବି.ଆର. ଆମ୍ବେଦକରଙ୍କ ଜୟନ୍ତୀ ଥିବାବେଳେ ସଂଘର କାର୍ଯ୍ୟକର୍ତ୍ତା ଅମ୍ଳାନ କୁମାର ଜେନା ବ୍ୟାନର ତିଆରି କରିବାକୁ ଯାଇଥିଲେ। ବ୍ୟାନର ପ୍ରସ୍ତୁତ ସମୟରେ ହାଟଡ଼ିହୀ ଅଞ୍ଚଳର କିଛି ଯୁବକ ସେଠାରେ ପହଞ୍ଚି ଆମ୍ବେଦକରଙ୍କ ବ୍ୟାନରକୁ ଦେଖି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଅମ୍ଳାନ ସେମାନଙ୍କୁ ବିରୋଧ କରିବାରୁ ଉଭୟଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଯୁବକମାନେ ଅମ୍ଳାନଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କ ଗଣ୍ଡଗୋଳ ଭାଙ୍ଗିଥିଲେ। ଏହାର ପ୍ରତିବାଦରେ ଶନିବାର ସକାଳ ପ୍ରାୟ ୧୦ଟାରେ ଛେନାପଦିସ୍ଥିତ ଉକ୍ତ ସାନଭୀ ଫ୍ଲେକ୍ସ ପ୍ରିଣ୍ଟ ସମ୍ମୁଖ ତଥା ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥ ଉପରେ ଶତାଧିକ ଭୀମଆର୍ମି ସଦସ୍ୟ ଏକାଠି ସାମିଲ ହୋଇ ଧାରଣା ଦେଇଥିଲେ। ଆକ୍ରମଣକାରୀକୁ ତୁରନ୍ତ ଗିରଫ ଦାବିରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ। ପ୍ରାୟ ଘଣ୍ଟାଏ ଉଭୟ ପାର୍ଶ୍ୱରେ ଛୋଟ ବଡ଼ ଯାନବାହନ, ଯାତ୍ରୀବାହୀ ବସ ଆଦି ଅଟକି ରହିଥିଲା। ନନ୍ଦିପଦା ଥାନାର ଇନ୍ସପେକ୍ଟର ବଳିଆ ବାରିକ, ଏସଆଇ ବିନୀତା ଲାକ୍ରା, ଏଏସଆଇ ଜମ୍ବୁବତୀ ପାତ୍ରଙ୍କ ସହ ପୁଲିସ ଷ୍ଟାଫ୍ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ଆନନ୍ଦପୁର କଳାକାର ବିକାଶ ମଞ୍ଚର ବୈଠକ

ଆନନ୍ଦପୁର, ୪।୪(ସମିସ): ଶ୍ରୀ ଝାଡ଼େଶ୍ୱର ମନ୍ଦିର ପରିସରରେ ଆନନ୍ଦପୁର କଳାକାର ବିକାଶ ମଞ୍ଚର ତୃତୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗୀତ ଗୁରୁ ହରିହର ଜେନାଙ୍କ ସଂଯୋଜନାରେ



ଆୟୋଜିତ ଏହି ବୈଠକରେ ରାଜ୍ୟ ସରକାରଙ୍କ ପ୍ରଦତ୍ତ କଳାକାର ଭତ୍ତା ବୃଦ୍ଧି, କାର୍ଯ୍ୟକ୍ରମ ସମୟରେ ଦୁର୍ଘଟଣାଜନିତ କ୍ଷୟକ୍ଷତି, କଳାକାର ସଂଘର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଜମି ପ୍ରଦାନ, ସାମାଜିକ ସୁରକ୍ଷା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଶୁଭାଶିଷ ଶତପଥୀ, ଜ୍ୟୋତିପ୍ରକାଶ ସାହୁ, ଚନ୍ଦନ ନାଥ, ଦେବେନ୍ଦ୍ର ନାଥ, ମାନସ ସାଉ, ଚନ୍ଦ୍ରଶେଖର ଜେନା, ସନ୍ତୋଷ ପରିଡ଼ା, ମଳୟ ସାହୁ, ହରିହର ଜେନା, ବସନ୍ତ ଖଟୁଆ, ପଦ୍ମରଞ୍ଜନ ପାଢ଼ୀ, ଅର୍ଜୁନ ସାହୁ, ସତ୍ୟପ୍ରକାଶ ବଳ ଯୋଗ ଦେଇଥିଲେ।

## ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଘାଟିତ



ବାରିପଦା, ୪।୪(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସମ୍ମେଳନ କକ୍ଷରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର୍ କମଳଲୋଚନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ ଶୃଙ୍ଖଳା ଓ ନୈତିକତାର ଆବଶ୍ୟକତା ଉପରେ କହିଥିଲେ। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ପୃଷ୍ଠପୋଷକ ଭାବେ ଯୋଗ ଦେଇଥିବାବେଳେ ବିଶିଷ୍ଟ ସାହିତ୍ୟିକ ତଥା ସାମାଜିକ କର୍ମୀ କବିବିଷ୍ଣୁ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ କୁଳସଙ୍ଗୀତର ନୂତନ ସଂସ୍କରଣ ମୁଖ୍ୟଅତିଥି ଦ୍ୱାରା ଲୋକାର୍ପିତ ହୋଇଥିଲା। ଏ ଅବସରରେ ବିଶ୍ୱବିଦ୍ୟାଳୟର ମୁଖପତ୍ର ବନାନୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାଂସ୍କୃତିକ କମିଟି ସଂଯୋଜିକା ଡକ୍ଟର ମୋନାଲି ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ କରିବା ସହ ବିବରଣୀ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡକ୍ଟର ବିଷ୍ଣୁପ୍ରିୟା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗ ଗବେଷିକା ସବିତା ବାରିକ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏ ଅବସରରେ ଅନୁଷ୍ଠିତ କୁଇଜ, ଝୋଟି, ଓଡ଼ିଆ ଓ ଇଂରାଜୀ ତର୍କ, ପ୍ରବନ୍ଧ, ସଙ୍ଗୀତ ଗାନ, ଏକକନୃତ୍ୟ, ସାମୂହିକ ନୃତ୍ୟ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

● ମାତିଛନ୍ତି ଆନ୍ତଃରାଜ୍ୟ ଟ୍ରାନ୍ସଫର୍ମର ଚୋର ଗ୍ୟାଙ୍ଗ

## ଟ୍ରାନ୍ସଫର୍ମରରୁ ଚୋରି ବେଳେ ଧରିଲେ ଗ୍ରାମବାସୀ

ରାଇରଙ୍ଗପୁର,୪।୪(ସମିସ): ଆନ୍ତଃରାଜ୍ୟ ଚୋର ଗ୍ୟାଙ୍ଗ ବିଦ୍ୟୁତ ଟ୍ରାନ୍ସଫର୍ମରରୁ ସାମଗ୍ରୀ ଚୋରି କରିବାରେ ମାତିଛନ୍ତି। ଟ୍ରାନ୍ସଫର୍ମର କିମ୍ବା ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି ନେଇ ବାରମ୍ବାର ଥାନାରେ ଅଭିଯୋଗ ମଧ୍ୟ ହେଉଛି। ତେବେ ଟ୍ରାନ୍ସଫର୍ମର ଚୋରି କରିବା ବେଳେ ଉକ୍ତ ଗ୍ୟାଙ୍ଗ ସଦସ୍ୟ ଗ୍ରାମବାସୀଙ୍କ ହାବୁଡ଼ରେ ପଡିଛନ୍ତି। ବହଳଦା ଥାନା ଅନ୍ତର୍ଗତ ଭିତରାମଦା ପଞ୍ଚାୟତର ଦଳସରା ଗ୍ରାମରୁ ବିଦ୍ୟୁତ ଟ୍ରାନ୍ସଫର୍ମରରୁ ଚୋରି କରିବା ବେଳେ ଦୁର୍ବୃତ୍ତ ଧରାପଡିଛନ୍ତି। ଗ୍ୟାଙ୍ଗର ଦୁଇ ଜଣ ସଦସ୍ୟ ଖସି ପଳାଇଥିବାବେଳେ ଅନ୍ୟ ଜଣକୁ ଗ୍ରାମବାସୀ କାବୁ କରି ପୁଲିସ ଜିମା ଦେଇଛନ୍ତି। ଗିରଫ ଯୁବକ ଜଣକ ଝାଡ଼ଖଣ୍ଡର କୁନ୍ଦୁରୁକାଟା ଗ୍ରାମର ଭବେଶ ସର୍ଦାର(୩୦)। ଭୋର ସମୟରେ ଦଳସରା ଗ୍ରାମର ଉଚ୍ଚପ୍ରାଥମିକ ବିଦ୍ୟାଳୟ ନିକଟରେ ଲାଗିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରରୁ ଦୁର୍ବୃତ୍ତମାନେ ଚୋରି କରିବା ଉଦ୍ୟମ କରିଥିଲେ। ଜଣେ ଗ୍ରାମବାସୀ ଏହା ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। ଖବର ପାଇ ଗ୍ରାମବାସୀ ବିଦ୍ୟୁତ ଖୁଣ୍ଟ ପାଖକୁ ଆସିବା ଦେଖି ଦୁଇ ଜଣ ଚମ୍ପଟ ମାରିଥିବାବେଳେ ଅନ୍ୟ ଜଣେ ଦୁର୍ବୃତ୍ତକୁ ଗ୍ରାମବାସୀ କାବୁ କରିଥିଲେ। ଏ ନେଇ ଗ୍ରାମବାସୀ ଟାଟା ପାୱାର ବହଳଦା ବିଦ୍ୟୁତ ସେକ୍ସନ କନିଷ୍ଠ ଯନ୍ତ୍ରୀ ସୁବାସ ଚନ୍ଦ୍ର ମଲ୍ଲିକଙ୍କୁ ଜଣାଇଥିଲେ। ସେ ପୁଲିସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟାଟା ପାୱାର ପକ୍ଷରୁ ବହଳଦା ଥାନାରେ ଅଭିଯୋଗକ୍ରମେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଅଭିଯୁକ୍ତକୁ ଗିରଫ କରିବା ସହ ଟ୍ରାନ୍ସଫର୍ମର ଚୋରି ସରଞ୍ଜାମ ଓ ବାଇକକୁ ଜବତ କରାଯାଇଛି। ଉକ୍ତ ଚୋର ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଟ୍ରାନ୍ସଫର୍ମରରୁ କଏଲ୍ ଚୋରି

ରାଇରଙ୍ଗପୁର,୪।୪(ସମିସ): ରରୁଆଁ ଅଞ୍ଚଳରୁ ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି ହୋଇଛି। ଏ ନେଇ ଟାଟା ପାୱାର ରରୁଆଁ ବିଦ୍ୟୁତ ସେକ୍ସନ କନିଷ୍ଠ ଯନ୍ତ୍ରୀ ଆଲୋକ କୁମାର ବାସ୍କେ ରରୁଆଁ ଥାନାରେ ଅଭିଯୋଗ କରିଛନ୍ତି। ନୂଆବେଡା ଗ୍ରାମ ଅଞ୍ଚଳରେ ବିଦ୍ୟୁତ ସମସ୍ୟା ହେବାରୁ ଲାଇନ ମ୍ୟାନ ଯାଞ୍ଚ କରିଥିଲେ। ତେବେ ଟ୍ରାନ୍ସଫର୍ମର ମଧ୍ୟରୁ କୋର ଓ କଏଲ ଚୋରି କରିଛନ୍ତି ବୋଲି ସୂଚନା ପାଇଥିଲେ। ଯାହା ଫଳରେ ଉକ୍ତ ଗ୍ରାମର ଉପଭୋକ୍ତାମାନେ ଅନ୍ଧାରରେ ଅଛନ୍ତି। ଏହାର ଆନୁମାନିକ ମୂଲ୍ୟ ୭୫,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ଅଟେ। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ପୁରୁଣା ବାରିପଦା ବିଦ୍ୟାଳୟରେ ପ୍ରବେଶ ଉତ୍ସବ

କୁଆମରା ୪।୪(ସମିସ): ଗୋପବନ୍ଧୁନଗର ବ୍ଲକ୍ ପୁରୁଣା ବାରିପଦା ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରବେଶ ଉତ୍ସବ ବୈଠକରେ ଅତିଥି ଭାବେ ସରପଞ୍ଚ



ଭୋଳାନାଥ ସିଂ, ବ୍ଲକ ଶିକ୍ଷାଧିକାରୀ ଡଃ ଅଭିମନ୍ୟୁ ସେଠୀ, ବିଆରସିସି କୁଳମଣି ନାଏକ, ସିଆରସିସି ପ୍ରଶାନ୍ତ ମହାପାତ୍ର, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳକଣ୍ଠ ବିନ୍ଧାଣୀ, ପୂର୍ବତନ ସିଆରସିସି ଭାଗୀରଥି ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସଂପର୍କରେ ସଚେତନତା କରାଇବା ସହ ଉତ୍ସାହିତ କରିଥିଲେ। ପରେ ଶିକ୍ଷା ସଚେତନତା ରଥ ଉକ୍ତ ବିଦ୍ୟାଳୟରୁ ବାହାରି ବିଭିନ୍ନ କ୍ଲଷ୍ଟର ପରିକ୍ରମା କରିଥିଲା। ଏଅବସରରେ ପିଲାମାନଙ୍କୁ ବର୍ଣ୍ଣବୋଧ, ସ୍ଲେଟ ଓ ଖଡ଼ି, ଅନ୍ୟାନ୍ୟ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା। ସହକାରୀ ଶିକ୍ଷକ ନୀଳାଦ୍ରୀ ଭୂଷଣ ସିଂ, ନମ୍ରତା ନାୟକ, ନିବେଦିତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଖୁଣ୍ଟା ପିଏମଶ୍ରୀ ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସମ୍ପର୍କରେ ସଚେତନ କରାଯିବା ସହ ଫୁଲ ଚନ୍ଦନ ଦ୍ୱାରା ସ୍ୱାଗତ କରାଯାଇଛି। ଅତିଥି ବିଆରସିସି କୁଳମଣି ନାଏକ ଓ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ର ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ ନିରନ୍ତର ପ୍ରଚେଷ୍ଟା ଓ ସଂଘର୍ଷ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଉଦଳା ତାଲୁକ ଆଇନର ସଚେତନତା



ଗୋପବନ୍ଧୁନଗର/ଉଦଳା,୪।୪(ସମିସ): ଉଦଳା ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଆଜି ଉଦଳା ସନ୍ଧାନ ଗୃହ ପରିସରରେ ଆଦିବାସୀ, ହରିଜନଙ୍କ ଉପରେ ହେଉଥିବା ହିଂସାତ୍ମକ ଅତ୍ୟାଚାର ଓ କର୍ମଜୀବୀ ମହିଳାଙ୍କ ଉପରେ ହେଉଥିବା ଯୌନ ଶୋଷଣ ଓ ଏହାର ଆଇନଗତ ଦିଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଉଦଳା ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସହାୟତା କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ସଭାପତିତ୍ୱ କରି ତାଲୁକ ଆଇନ ସହାୟତାର କାର୍ଯ୍ୟଧାରା ଓ ଆଦିବାସୀ, ହରିଜନଙ୍କ ଉପରେ ହେଉଥିବା ହିଂସାତ୍ମକ ଅତ୍ୟାଚାର ଓ କର୍ମଜୀବୀ ମହିଳାଙ୍କ ପ୍ରତି କର୍ମକ୍ଷେତ୍ରରେ ଯୌନ ଶୋଷଣ ସମ୍ପର୍କରେ ଥିବା ଆଇନ ସହାୟତା ବ୍ୟବସ୍ଥା ଦିଗରେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ଓକିଲ ସଂଘ ସମ୍ପାଦକ ବସନ୍ତ ପରିଡା, ଉପଖଣ୍ଡ ଓକିଲ ସଂଘ ସମ୍ପାଦକ ରଜତ ମହାପାତ୍ର, ସିଡିପିଓ ସିପ୍ରା ମହାପାତ୍ର, ରିଟେନର ମକରନ୍ଦ ପୋଲେଇ, ଆଇନଜୀବୀ ନିରାକାର ମହାପାତ୍ର, ମହିଳା ଆଇନଜୀବୀ ହରପ୍ରିୟା ହଁସଦା ଓ ବହୁ ଆଇନଜୀବୀ ଏ ସମ୍ପର୍କରେ ବିସ୍ତୃତ ଆଇନ ଦିଗ ସମ୍ପର୍କରେ ଆଲୋଚନା ଓ ସହାୟତା ପାଇଁ ଥିବା ମାଧ୍ୟମ ସମ୍ପର୍କରେ ବୁଝାଇଥିଲେ। ଆଇନଜୀବୀ କମଳା କାନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ବହୁ ସାଧାରଣ ମହିଳା ଯୋଗ ଦେଇଥିଲେ। ତାଲୁକ ଆଇନ ସହାୟତା କମିଟିର ସନତ କୁମାର ସେଠୀ ଓ ବିଚାର ବିଭାଗୀୟ କର୍ମଚାରୀ ଆୟୋଜନରେ ସହାୟତା କରିଥିଲେ।

## ଓଡ଼ିଆରେ ନାମ ଫଳକ ଲେଖା ସଚେତନତା ପଦଯାତ୍ରା



ବାରିପଦା, ୪।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ପାଲବଣିସ୍ଥ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ତରଫରୁ ଜିଲ୍ଲାସ୍ତରୀୟ 'ଓଡ଼ିଆରେ ନାମ ଫଳକ ଲେଖା' ଅଭିଯାନ ଆୟୋଜିତ ହୋଇଛି। ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍, ୧୯୫୬ ଅନୁଯାୟୀ ଜିଲ୍ଲାର ସମସ୍ତ ଦୋକାନ, ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନର ନାମ ଫଳକକୁ ନିର୍ଭୁଲ ଓ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ଲେଖିବା ପାଇଁ ଏହି ଅଭିଯାନ ମାଧ୍ୟମରେ ଆହ୍ୱାନ କରାଯାଇଛି। ଏ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ପଦଯାତ୍ରା ଓ ରଥଯାତ୍ରା ଆୟୋଜିତ ହୋଇଛି। ଏହା ସହରର ବିଭିନ୍ନ ପ୍ରମୁଖ ଅଞ୍ଚଳ ମଧ୍ୟଦେଇ ରାଲି କରି ସ୍ଥାନୀୟ ଛଉ ପଡ଼ିଆରେ ସମାପନ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗୋଇପାଇ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶ୍ରମ ସଂଗଠନ, ସ୍ୱେଚ୍ଛାସେବୀ, ଏନଜିଓ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଓଡ଼ିଆ ଭାଷାର ମହତ୍ତ୍ୱ, ଏହାର ସଂରକ୍ଷଣ ଓ ସାମାଜିକ ଜୀବନରେ ଏହାର ବ୍ୟାପକ ବ୍ୟବହାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ନିଜ ଦୋକାନ ଓ ପ୍ରତିଷ୍ଠାନର ନାମ ଫଳକକୁ ଓଡ଼ିଆରେ ଲେଖିବା ମାଧ୍ୟମରେ ଆମେ ନିଜ ଭାଷାକୁ ସମ୍ମାନ ଦେବା ସହ ଏହାର ସମୃଦ୍ଧିକୁ ଆଗେଇ ନେଇପାରିବା ବୋଲି ନିଜ ପ୍ରତିକ୍ରିୟାରେ କହିଥିଲେ। ସେହିପରି ସଚେତନତା ପଦଯାତ୍ରା ପରେ ବିଭିନ୍ନ ଅଧିକାରୀଙ୍କ ସ୍ୱତନ୍ତ୍ର ଦଳ ଦ୍ୱାରା ବିଭିନ୍ନ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ନିରୀକ୍ଷଣ ପ୍ରକ୍ରିୟା ଆରମ୍ଭ କରାଯାଇ ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ତାଗିଦ୍ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଶ୍ରମ ଅଧିକାରିଣୀ ପାନମଣି ସୋରେନ୍, ଅତିରିକ୍ତ ଶ୍ରମ ଅଧିକାରୀ ତନ୍ମୟ ବସା, ଗୋବିନ୍ଦ ସୋରେନ, ସ୍ମୃତିରେଖା ନାଥ ଓ ଟିକିଲିମଣି ସୋରେନ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ପ୍ରବେଶ ଉତ୍ସବ ଓ ଶିକ୍ଷା ରଥ ପରିକ୍ରମା

କପ୍ତିପଦା,୪।୪(ସମିସ): କପ୍ତିପଦା ବ୍ଲକ୍‌ରେ ଶନିବାର ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏ ବର୍ଷ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପିଲାମାନଙ୍କୁ ସ୍ୱାଗତ କରିବା ପାଇଁ ବିଭିନ୍ନ ପ୍ରକାର ସାଜସଜ୍ଜା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଭିଭାବକ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ବ୍ଲକ୍‌ସ୍ତରୀୟ ସଚେତନତା ରଥକୁ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ଉଦଘାଟନ କରିଥିଲେ। ଶୈବ ପୀଠ ଝିଙ୍କେଶ୍ୱର ମନ୍ଦିର ନିକଟରେ ଏହି ରଥର ଉଦଘାଟନ କରାଯାଇଥିଲା। ୨୩ ଜଣ ଆଞ୍ଚଳିକ ସାଧନ ସଂଯୋଜକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବାଲବାଟିକାରୁ ଆରମ୍ଭ କରି ଚଉଦ ବର୍ଷ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ କିପରି ବିଦ୍ୟାଳୟମୁଖୀ ହେବେ, ସେଥିପାଇଁ ସମସ୍ତ ଅଭିଭାବକଙ୍କୁ ସଚେତନ କରିବା ଏହି ରଥ ପରିକ୍ରମାର ଉଦ୍ଦେଶ୍ୟ ବୋଲି ଶ୍ରୀ ସିଂ ପ୍ରକାଶ କରିଛନ୍ତି। ଏହି ସଚେତନତା ରଥ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ।

## ଗଞ୍ଜେଇ ଜବତ, ମହିଳା ଗିରଫ

ରାସଗୋବିନ୍ଦପୁର,୪।୪(ସମିସ): ରାସଗୋବିନ୍ଦପୁର ଥାନା ଚିରକୁଣୀପଦା ଛକରୁ ଏକ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଥିବାବେଳେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ମୋରଡା ଅବକାରୀ ଅଧିକାରୀ ଦୀପକ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ପୂର୍ବରୁ ଚିରକୁଣୀପଦାଠାରେ ଜଗି ରହିଥିଲେ। ଦୀର୍ଘ ଦିନରୁ ମହିଳା ଗଞ୍ଜେଇ ବେପାର କରି ଆସୁଥିଲେ ସୁଦ୍ଧା ପୋଲିସ ଓ ଅବକାରୀ ବିଭାଗକୁ ଚକମା ଦେଇ ଖସିବାରେ ସମର୍ଥ ହେଉଥିଲେ। ତେବେ ଆଜି ଚିରକୁଣୀପଦା ଛକ ରାସ୍ତା ହୋଇ ମହିଳା ଗଞ୍ଜେଇ ନେଇ ଯାଉଥିବାବେଳେ ମୋରଡା ଅବକାରୀ ମାଡ଼ି ବସିଥିଲା। ଉକ୍ତ ମହିଳା ନିକଟରୁ ୧.୯୩୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଛି। ଗିରଫ ମହିଳା ଜଣକ ହେଉଛନ୍ତି ଚିରକୁଣୀପଦା ଗ୍ରାମର ଶ୍ରୀମତୀ ବେହେରା। ମୋରଡା ଅବକାରୀ ଥାନାରେ ମାମଲା ରୁଜୁ କରାଯାଇ ମହିଳାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ଖୁଣ୍ଟା ବିଧାନସଭା ନିର୍ବାଚନମଣ୍ଡଳୀ

# ସୃଷ୍ଟିରୁ ବିଲୋପ; ପୁନଃ ପ୍ରତିଷ୍ଠା ଦାବି

ଖୁଣ୍ଟା,୪।୪ (ସମିସ):

ମୟୂରଭଞ୍ଜ ଜିଲାର ରାଜନୈତିକ ଇତିହାସରେ 'ଖୁଣ୍ଟା' ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଦିନେ ଜିଲ୍ଲାର ପ୍ରମୁଖ ରାଜନୈତିକ କେନ୍ଦ୍ରବିନ୍ଦୁ ଥିବା ଏହି ନିର୍ବାଚନ ମଣ୍ଡଳୀ ଆଜି ରାଜନୈତିକ ମାନଚିତ୍ରରୁ ହଜିଯାଇଛି। ୨୦୦୮ ମସିହାରେ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ପ୍ରକ୍ରିୟାରେ ଏହାର ବିଲୋପ ଘଟିବା ପରେ ଏବେ ପୁଣି ଥରେ ଏହାକୁ ଜୀବିତ କରିବା ପାଇଁ ସ୍ଥାନୀୟ ଜନସାଧାରଣ, ଶିକ୍ଷାବିତ ଓ ରାଜନୈତିକ ବିଶେଷଜ୍ଞଙ୍କ ମଧ୍ୟରେ ଦାବି ଜୋର ଧରିଛି। ୧୯୫୧ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ସମୟରେ ଖୁଣ୍ଟା ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥିଲା। ଏହା ଏକ ଅନୁସୂଚିତ ଜନଜାତି (ଏସ୍‌ଟି) ସଂରକ୍ଷିତ ଆସନ ଥିଲା। ତେବେ ୧୯୫୬-୫୭ ମସିହାରେ ଏହାକୁ ବନ୍ଦ କରାଯାଇଥିଲେ ହେଁ ୧୯୬୧ରେ ଏହା ପୁଣି ଥରେ ଫେରିଥିଲା। ୧୯୬୧ ରୁ ୨୦୦୪ ପର୍ଯ୍ୟନ୍ତ ଖୁଣ୍ଟା ବିଧାନସଭା ନିର୍ବାଚନ ମଣ୍ଡଳୀର ଥିଲା ସ୍ୱର୍ଣ୍ଣିମ ସମୟ। ଏଠାରେ ୧୨ଟି ନିର୍ବାଚନ ଅନୁଷ୍ଠିତ ହୋଇଛି। ପ୍ରସନ୍ନ କୁମାର ଦାଶ, ବୀରଭଦ୍ର ସିଂ ଏବଂ ରମେଶ ସୋରେନଙ୍କ ଭଳି ପ୍ରଭାବଶାଳୀ ନେତାମାନେ ଏଠାରୁ ପ୍ରତିନିଧିତ୍ୱ କରି ରାଜ୍ୟ ରାଜନୀତିରେ ମୟୂରଭଞ୍ଜର ସ୍ୱରକୁ ଶାଣିତ କରିଥିଲେ। ୨୦୦୮ରେ ସୀମା ପୁନଃନିର୍ଦ୍ଧାରଣ ଆୟୋଗଙ୍କ ନିଷ୍ପତ୍ତି କ୍ରମେ ଖୁଣ୍ଟା ନିର୍ବାଚନ ମଣ୍ଡଳୀକୁ ଉଚ୍ଛେଦ କରାଯାଇ ଏହାକୁ ବାରିପଦା ଓ ଉଦଳା ନିର୍ବାଚନ ମଣ୍ଡଳୀ ସହ ମିଶ୍ରଣ କରାଗଲା। ଯାହା ଖୁଣ୍ଟା ନିର୍ବାଚନ ମଣ୍ଡଳୀ ପାଇଁ ରାଜନୈତିକ ଓ ପ୍ରଶାସନିକ କ୍ଷତି ଥିଲା। ଖୁଣ୍ଟା ନିର୍ବାଚନ ମଣ୍ଡଳୀର ବିଲୋପ ପରେ ଅଞ୍ଚଳବାସୀ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଶେଷଜ୍ଞଙ୍କ କହିବାନୁଯାୟୀ ପ୍ରତିନିଧିତ୍ୱର ଅଭାବ ଯୋଗୁଁ ନିର୍ବାଚନ ମଣ୍ଡଳୀର ଖୁଣ୍ଟା ବ୍ଲକ ଏବେ ବାରିପଦା, ଗୋପବନ୍ଧୁ ନଗର ବ୍ଲକ୍ ଏବେ ଉଦଳା ସହିତ ଓ ଅନ୍ୟ ନିର୍ବାଚନ ମଣ୍ଡଳୀରେ ବିଭକ୍ତ ହୋଇ ରହିଥିବାରୁ ଏହାର ସ୍ୱତନ୍ତ୍ର ବିକାଶମୂଳକ ଯୋଜନା ପ୍ରଣୟନରେ ବାଧା ସୃଷ୍ଟି ହେଉଛି। ନୀତି ନିର୍ଦ୍ଧାରଣରେ ପ୍ରଭାବ ରଖି ଆସିଥିବା ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ସତ୍ତ୍ୱେ, ବିଧାନସଭାରେ ଏହାର ପ୍ରତ୍ୟକ୍ଷ ସ୍ୱର ନାହିଁ। ଫଳରେ ରାଜ୍ୟସ୍ତରୀୟ ନୀତି ନିର୍ଦ୍ଧାରଣରେ ଖୁଣ୍ଟା ଅଞ୍ଚଳର ସ୍ୱାର୍ଥ ଅଣଦେଖା ହେଉଥିବା ଅଭିଯୋଗ ହେଉଛି। ଖୁଣ୍ଟା ଆସନରୁ ପ୍ରତିନିଧିତ୍ୱ କରିଥିବା ପ୍ରସନ୍ନ କୁମାର ଦାଶ(ବାଚସ୍ପତି), ବୀରଭଦ୍ର ସିଂ, ସରସ୍ୱତୀ ହେମ୍ବ୍ରମ, ଗୋଲକ ବିହାରୀ ନାୟକ ଓଡ଼ିଶା ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ମଧ୍ୟ ସମ୍ଭାଳିଛନ୍ତି। ୨୦୨୬ରେ ଖୁଣ୍ଟା ନିର୍ବାଚନ ମଣ୍ଡଳୀ ପୁନଃ ପ୍ରତିଷ୍ଠା ପାଇଁ ନୂଆ ଆଶା ସଞ୍ଚାର ହୋଇଛି। ସମ୍ବିଧାନ ଅନୁଯାୟୀ ୨୦୨୬ ମସିହା ପରେ ପୁଣି ଥରେ ସୀମା ପୁନଃନିର୍ଦ୍ଧାରଣ ହେବାକୁ ଯାଉଛି। ଓଡ଼ିଶା ବିଧାନସଭାର ଆସନ ସଂଖ୍ୟା ୧୪୭ ରୁ ବୃଦ୍ଧି ପାଇବା ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ଖୁଣ୍ଟାକୁ ପୁଣି ଏକ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ କରିବା ପାଇଁ ସ୍ଥାନୀୟ ଜନତା ଓ ସଂଗଠନ ସକ୍ରିୟ ହୋଇଉଠିଛନ୍ତି। ଅଞ୍ଚଳବାସୀଙ୍କ ମତ ଅନୁସାରେ "ଖୁଣ୍ଟା ନିର୍ବାଚନ ମଣ୍ଡଳୀର ବିଲୋପ ଆମ ପାଇଁ ଏକ ଦୁର୍ଭାଗ୍ୟଜନକ ଘଟଣା ଥିଲା। ୨୦୨୬ରେ ଯଦି ଆସନ ସଂଖ୍ୟା ବଢ଼େ, ତେବେ ଖୁଣ୍ଟାକୁ ପ୍ରାଥମିକତା ଦିଆଯିବା ଉଚିତ।

| ଖୁଣ୍ଟା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକଙ୍କ ତାଲିକା | |
|---|---|
| ୧୯୫୧ | ଶାକିଲା ସୋରେନ , ସୋସିଆଲିଷ୍ଟ ପାର୍ଟି |
| ୧୯୬୧ | ପ୍ରସନ୍ନ କୁମାର ଦାଶ, ପ୍ରଜା ସୋସିଆଲିଷ୍ଟ ପାର୍ଟି |
| ୧୯୬୭ | ହରଚାନ୍ଦ ହାଁସଦା , ପ୍ରଜା ସୋସିଆଲିଷ୍ଟ ପାର୍ଟି |
| ୧୯୭୧ | ବୀରଭଦ୍ର ସିଂ, ଉତ୍କଳ କଂଗ୍ରେସ |
| ୧୯୭୪ | ରମେଶ ସୋରେନ, ଭାରତୀୟ ଜାତୀୟ କଂଗ୍ରେସ |
| ୧୯୭୭ | ରମେଶ ସୋରେନ, ଭାରତୀୟ ଜାତୀୟ କଂଗ୍ରେସ |
| ୧୯୮୦ | ରମେଶ ସୋରେନ, ଭାରତୀୟ ଜାତୀୟ କଂଗ୍ରେସ(ଇ) |
| ୧୯୮୫ | ବୀରମ ମୁର୍ମୁ, ଭାରତୀୟ ଜାତୀୟ କଂଗ୍ରେସ |
| ୧୯୯୦ | ବୀରଭଦ୍ର ସିଂ, ଜନତା ଦଳ |
| ୧୯୯୫ | ସରସ୍ୱତୀ ହେମ୍ବ୍ରମ, ଭାରତୀୟ ଜାତୀୟ କଂଗ୍ରେସ |
| ୨୦୦୦ | ଗୋଲକ ବିହାରୀ ନାୟକ, ଭାରତୀୟ ଜନତା ପାର୍ଟି |
| ୨୦୦୪ | ଗୋଲକ ବିହାରୀ ନାୟକ, ଭାରତୀୟ ଜନତା ପାର୍ଟି |

## ଆଜି ବି ରହିଛି ମାଟି ପାତ୍ରର ଚାହିଦା

# ଗ୍ରୀଷ୍ମଋତୁରେ ବଢୁଛି ମାଟି ସୁରେଇ ଓ ବୋତଲ ବିକ୍ରି

ବାରିପଦା, ୪।୪(ସମିସ): ଜିଲ୍ଲାବ୍ୟାପୀ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଉଥିବାବେଳେ ଏହାର ମୁକାବିଲା କରିବା ପାଇଁ ଶୀତଳ ଜଳର ଅନେକ ଆବଶ୍ୟକତା ରହିଛି। ତେବେ ଆଜି ବି ଗ୍ରୀଷ୍ମକୁ ପ୍ରତିହତ କରିବା ପାଇଁ ମାଟି ତିଆରି ସୁରେଇର ଶୀତଳ ପାନୀୟ ଜଳକୁ ଲୋକେ ଖୋଜୁଛନ୍ତି। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବଜାରରେ ମଧ୍ୟ ଭଳିକି ଭଳି ଡିଜାଇନର ସୁରେଇ ଓ ମାଟି ବୋତଲ ତିଆରି ହୋଇଛି। ଯାହାକି କି ଦିନକୁ ଦିନ ଲୋକଙ୍କ ବେଶ ଆଦୃତି ଲାଭ କରୁଥିବାର ଦେଖିବାକୁ ମିଳିଛି। ମାଟି ସୁରେଇର ଦାମ ୨୦୦ ଟଙ୍କାରୁ ଆରମ୍ଭ କରି ୧୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଆଧୁନିକ ସୁରେଇକୁ ରଙ୍ଗବେରଙ୍ଗ ଡିଜାଇନ ସହିତ କଳ ମଧ୍ୟ ଲଗାଯାଉଛି। ସେହିପରି ମାଟିର ପାଣି ବୋତଲ ଦର ମଧ୍ୟ ୧୫୦ ଟଙ୍କାରୁ ଆରମ୍ଭ କରି ୬୦୦/୭୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି ବୋଲି ଜଣାପଡ଼ିଛି। ବିନା ବିଦ୍ୟୁତରେ ଉକ୍ତ ମାଟି ସୁରେଇ ଓ ପାଣି ବୋତଲରେ ପାଣି ବହୁ ସମୟ ଧରି ଥଣ୍ଡା ରହୁଥିବାରୁ ଲୋକେ ଏହାକୁ କିଣି ନେଉଛନ୍ତି। ପୂର୍ବ ତୁଳନାରେ ବର୍ତ୍ତମାନ ସମୟରେ ଦରଦାମ ବୃଦ୍ଧି ପାଇଛି। ପୂର୍ବରୁ ମାଟି ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ କଞ୍ଚାମାଲ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିଲା। ବର୍ତ୍ତମାନ ସମୟରେ ମାଟିଠାରୁ ଆରମ୍ଭ କରି ପୋଡ଼ିବା ପାଇଁ ଆବଶ୍ୟକ ଜାଳେଣି କାଠ ପର୍ଯ୍ୟନ୍ତ ସବୁର ଦରଦାମ ଆକାଶ ଛୁଆଁ ହୋଇଛି। ଫଳରେ ଦାମ ବୃଦ୍ଧି କରିବାକୁ ବାଧ୍ୟ ହୋଇଥିବା ଦୋକାନୀ କହିଛନ୍ତି। ଏବେ ପରିସ୍ଥିତି ପୂର୍ବଠାରୁ ସମ୍ପୂର୍ଣ୍ଣ ଭାବେ ବଦଳିଯିବାରୁ ପ୍ରସ୍ତୁତି କରିବା ନିମନ୍ତେ ଶ୍ରମିକ ମଧ୍ୟ ମିଳୁନାହାନ୍ତି। ତେଣୁ ଲୋକଙ୍କୁ ଆକୃଷ୍ଟ ତଥା ଆବଶ୍ୟକତା ପୂରଣ କରିବା ପାଇଁ ପଶ୍ଚିମବଙ୍ଗ ଓ ଆସାମ ଆଦି ସ୍ଥାନରୁ ଆଧୁନିକ କାରୁକାର୍ଯ୍ୟ ହୋଇଥିବା ମାଟି ସରଞ୍ଜାମ ଆଣି ବିକ୍ରି କରୁଛନ୍ତି। ତେଣୁ ଏଗୁଡିକ ଆଣି ବିକ୍ରି କରିବା ବେଳକୁ ଦର ବୃଦ୍ଧି ପାଉଛି। ତେବେ ଏଥିରେ ମଧ୍ୟ ମାଟି ସୁରେଇ ଓ ପାଣି ବୋତଲର ଚାହିଦା ରହିଛି। ବାରିପଦା ସହରର ଷ୍ଟେସନ ବଜାର, କୃଷ୍ଣଚନ୍ଦ୍ର ଗୋଲେଇ, ଦେବେନ୍ଦ୍ରପୁର ଆଦି ସ୍ଥାନରେ ଏହା ପ୍ରସ୍ତୁତ କରି କୁମ୍ଭାରମାନେ ବିକ୍ରି କରୁଛନ୍ତି। ଉନ୍ନତମାନର ମାଟି ପ୍ରସ୍ତୁତ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୁମ୍ଭାରମାନଙ୍କୁ ତାଲିମ ପ୍ରଦାନ କରିବାର ଆବଶ୍ୟକତା ରହିଛି। ତେବେ ଏମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବ୍ୟାଙ୍କ ସହାୟତା ପ୍ରଦାନର ବ୍ୟବସ୍ଥା ହେଲେ ଏମାନେ ଆହୁରି ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି କୁମ୍ଭାରମାନେ କହିଛନ୍ତି।



ତିଆରି ହେଉଛି ବିଭିନ୍ନ ଡିଜାଇନର ପାତ୍ର

### ସେମାନେ ଯାହା କୁହନ୍ତି...

ବାରିପଦାର ଷ୍ଟେସନ ବଜାରରେ ୧୫ ବର୍ଷ ଧରି ଦୋକାନ କରି ଆସୁଛି। ଏହା ଆମର ପାରିବାରିକ କୌଳିକ ବେଉସା ଅଟେ। ପୂର୍ବର ସୁରେଇର ଚାହିଦା ବଜାରରେ କମିବାରୁ ନୂତନ ଡିଜାଇନର ସୁରେଇ ଓ ପାଣି ବୋତଲ ପ୍ରସ୍ତୁତ କରି ବିକ୍ରି କରାଯାଉଛି। ଯାହାର ବଜାରରେ ଚାହିଦା ପୂର୍ବ ଅପେକ୍ଷା ଭଲ ରହିଛି। ଗ୍ରୀଷ୍ମପ୍ରବାହ ବୃଦ୍ଧି ଘଟିବାରୁ ଲୋକମାନେ ମଧ୍ୟ ଅଧିକରୁ ଅଧିକ କିଣୁଛନ୍ତି। ତେବେ ପାଣି ବୋତଲର ଚାହିଦା ଟିକେ ଅଧିକ ରହିଛି।

-ଅମିତ ପ୍ରଜାପତି, ଦୋକାନୀ

ମାଟିରେ ତିଆରି ସୁରେଇ ଓ ପାଣି ବୋତଲରେ ପାଣି ଅନେକ ସମୟ ପର୍ଯ୍ୟନ୍ତ ଥଣ୍ଡା ରହିଥାଏ। ବିନା ବିଦ୍ୟୁତରେ ପାଣିକୁ ଥଣ୍ଡା ରଖୁଥିବାରୁ ଏହାର ଚାହିଦା ରହିଛି। ଛୋଟ ଥିବାବେଳେ ପ୍ରତିଟି ଘରେ ସୁରେଇ ଦେଖୁଥିବାବେଳେ ଏବେ ତାହା କମିଯାଉଛି। କିନ୍ତୁ ନୂଆ ଡିଜାଇନରେ ଉକ୍ତ ସାମଗ୍ରୀ ବେଶ ସୁନ୍ଦର ହୋଇଛି।

-ଅଂଶୁମାନ ଦାସ, ଗ୍ରାହକ

ପୁରାତନ ସମୟର ମାଟି ସୁରେଇର ସ୍ଥାନ ବର୍ତ୍ତମାନ ଫ୍ରିଜ୍ ଓ ଅନ୍ୟାନ୍ୟ ମେସିନ ନେଇଛନ୍ତି। ଇତି ପରେ ମଧ୍ୟ ମାଟି ସୁରେଇର ସ୍ଥାନ ନିଆରା। ଶୀତଳ ପାନୀୟ ଜଳ ପାଇଁ ସୁରେଇ ସହିତ ଏବେ ନୂତନ କରି ମାଟିର ପାଣି ବୋତଲ ଆସିଛି। ଯାହାକି ପୁରୁଣା ଦିନର କଥା ମନେ ପକାଇ ଦେଉଛି। ଉକ୍ତ ମାଟି ପ୍ରସ୍ତୁତ ସାମଗ୍ରୀ ଅଧିକରୁ ଅଧିକ ମାତ୍ରାରେ ଲୋକେ କିଣିବାର ଆବଶ୍ୟକତା ରହିଛି।

-ପୂର୍ଣ୍ଣଚନ୍ଦ୍ର ବୃଗୁଡ଼େଇ, ଶିକ୍ଷାବିତ୍

## କୁଡୁମୀ ଜାତିର ଗ୍ରାମ୍ୟସ୍ତରୀୟ ସଚେତନତା



ମହୁଲଡିହା, ୪।୪(ସମିସ): ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ସାନବାଲିପୋଷି ଓ ଗଣ୍ଡପାଳ ଗ୍ରାମ ମିଳିତ ପ୍ରୟାସରେ ସାନବାଲିପୋଷି ଗ୍ରାମରେ କୁଡୁମି ସଂଗଠନ ପକ୍ଷରୁ ଗ୍ରାମ୍ୟସ୍ତରୀୟ ସଚେତନତା ବୈଠକ ଓ କମିଟି ଗଠନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ରାଧାଶ୍ୟାମ ମହାନ୍ତ ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାନବାଲିପୋଷି ଗ୍ରାମର ପାଣ୍ଡବ ମହାନ୍ତ ଜାତିର ଆଚାର ବିଚାର, ଚାଲିଚଳନ ଓ ଦୁର୍ଯ୍ୟୋଧନ ମହାନ୍ତ ଗ୍ରାମର ଏକତା ଉପରେ ବିଚାର ରଖିଥିଲେ। ଗୌର ମୁନି ମହାନ୍ତ ପ୍ରକୃତି ପୂଜନ ଉପରେ ଜାତିର ପୂଜା ପର୍ବପର୍ବାଣୀ, ସଂସ୍କୃତି, ସ୍ୱାର୍ଥତ୍ୟାଗ, ଗଣେଶ୍ୱର ମହାନ୍ତ ଜାତିର ଆକ୍ଷରିକ ଅର୍ଥ ଓ କୁଡୁମୀ ସଂଗଠନର ସଭାପତି ଭାଗୀରଥି ମହାନ୍ତ ଜାତିର ଭାଷା, ନେଗ, ନେଗାଚାରି, ପରମ୍ପରା ଆଦି ଉପରେ ଆଲୋଚନା କରିଥିଲେ। ସାନବାଲିପୋଷି ଗ୍ରାମ କମିଟିରେ ପୂର୍ବରୁ ଥିବା ଦେହୁରୀ ଯୋଗେଶ୍ୱର ମହାନ୍ତ ରହିଥବାବେଳେ ନୂତନ ଡାକୁଆ କାର୍ତ୍ତିକା ମହାନ୍ତ, ପ୍ରଧାନ ଭାବେ ପ୍ରତାପ ମହାନ୍ତ, ସଭ୍ୟ ପାଣ୍ଡବ ମହାନ୍ତ, ହରିଶ ମହାନ୍ତ, ସଭ୍ୟା ପଦ୍ମିନୀ ମହାନ୍ତ ଓ କୌଶଲ୍ୟା ମହାନ୍ତଙ୍କୁ ଚୟନ କରାଯାଇଥିଲା। ସେହିପରି ଗଣ୍ଡପାଳର ପୂର୍ବରୁ ଥିବା ଦେହୁରୀ ଗୁରୁଚରଣ ମହାନ୍ତ ରହିଥିବାବେଳେ ନୂତନ ଭାବେ ଡାକୁଆ ଦିବାକର ମହାନ୍ତ, ପ୍ରଧାନ ଭାବେ ଭାଗୀରଥି ମହାନ୍ତ, ସଭ୍ୟ ନିରଞ୍ଜନ ମହାନ୍ତ ଓ ଦୁର୍ଯ୍ୟୋଧନ ମହାନ୍ତ, ସଭ୍ୟା ଲିଲମଣି ମହାନ୍ତ ଓ ଯାଜ୍ଞସେନୀ ମହାନ୍ତଙ୍କୁ ଚୟନ କରାଯାଇଥିଲା। ସୁରେଶ ମହାନ୍ତ ବୈଠକ ପରିଚାଳନା କରିଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ୧୦ ତାରିଖରେ ସୁଦର୍ଶନପୁର ଗ୍ରାମରେ ହେବାକୁ ଦିନ ଧାର୍ଯ୍ୟ କରାଯାଇଛି।

## ଦିବ୍ୟରଞ୍ଜନ ପତିଙ୍କୁ ଯୁବ ପ୍ରତିଭା ସମ୍ମାନ



କରଞ୍ଜିଆ, ୪।୪ (ସମିସ): ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଓଡ଼ିଶା ଆର୍ଟ ଆଣ୍ଡ କଲଚରାଲ ଆସୋସିଏସନ ପକ୍ଷରୁ ନେକ୍ସଟ୍ ଜେନେରେସନ ଆୱାର୍ଡ-୨୦୨୬ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ କଳା ଓ ସଂସ୍କୃତି କ୍ଷେତ୍ରରେ ଅଗ୍ରଗତି କରୁଥିବା ଓ ନୂତନ ପିଢିଙ୍କୁ ଦିଗଦର୍ଶନ ଦେଉଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ବରିଷ୍ଠ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ କିଓ ବ୍ୟୁଟି ପ୍ରତିଷ୍ଠାତା ଗୀତାଞ୍ଜଳି ଶର୍ମା, ଜିଏସଆଇ ଓଡ଼ିଶାର ଡାଇରେକ୍ଟର ଶ୍ରଦ୍ଧାଞ୍ଜଳି ସୁଭଦର୍ଶନୀ, ମନମ୍ ଫାଉଣ୍ଡେସନର ମନୋବିଜ୍ଞାନୀ ସୌମ୍ୟା ସୁଚରିତା ମହାପାତ୍ର ଓ ଆପୋଲୋ ହସ୍ପିଟାଲର ଶ୍ରୀ ଡିଗିକର ଉପସ୍ଥିତ ଥିଲେ। ଏ ଅବସରରେ ଦିବ୍ୟରଞ୍ଜନ ପତିଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କର ନିଷ୍ଠାପର କାର୍ଯ୍ୟଶୈଳୀ ଓ ଅଞ୍ଚଳର ଉନ୍ନତି ପାଇଁ ଅବଦାନକୁ ସ୍ୱୀକାର କରି ଏହି ସମ୍ମାନ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏ ନେଇ ଶ୍ରୀ ପତି ନିଜକୁ ଧନ୍ୟ ମନେ କରିଥିବା ସହ ଆଗାମୀ ଦିନରେ ଅଞ୍ଚଳର ବିକାଶ ପାଇଁ ଅଧିକ ନିଷ୍ଠାର ସହ କାମ କରିବେ ବୋଲି କହିଥିଲେ।

## ରରୁଆଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶୁକୃଲି, ୪।୪(ସମିସ):ବଡ଼ରରୁଆଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୃଦୟ ରଞ୍ଜନ ପତି ସଭାପତିତ୍ୱ କରିଥିବାବେଳେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ସରକାରୀ ବିଦ୍ୟାଳୟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି ପିତାମାତାଙ୍କ ନୈତିକ କର୍ତ୍ତବ୍ୟ, ଓଡ଼ିଶା ସପ୍ତାହ ପାଳନରେ ଓଡ଼ିଆ ଭାଷା, ପାରମ୍ପରିକ ପର୍ବପର୍ବାଣି, ପିଠା



ପଣା, ବେଶ ପୋଷାକର ଶାଳୀନତା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ପଙ୍କଜ ମହାନ୍ତ, ପୂର୍ବତନ ପ୍ରଧାନଶିକ୍ଷକ ଦାମୋଦର ମହାକୁଡ ଯୋଗ ଦେଇଥିଲେ। ଶିଶୁ କଳାକାର ନୃତ୍ୟ ଗୀତ ପରିବେଷଣ କରିଥିଲେ। ବିଶେଷ ଆକର୍ଷଣ ଥିଲା ୧ ବର୍ଷ ଏଗାର ମାସ ଶିଶୁ ଅନନ୍ୟା ପାଣିଗ୍ରାହୀଙ୍କ ନୃତ୍ୟ। ପଞ୍ଚମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖି ପାଶ କରିଥିବା ଛାତ୍ରୀ ଦିବ୍ୟଶ୍ରୀ ନାଏକ, ଶ୍ରେଷ୍ଠ ଛାତ୍ରୀ ରାଧିକାରାଣୀ ମହାରଣା, ସର୍ବଶ୍ରେଷ୍ଠ ଅନ୍ତେବାସୀ ରାଜକିଶୋର ବନକିରାଙ୍କୁ ପୁରସ୍କୃତ କରାଯାଇଥିଲା।

## ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ବାରିପଦା, ୪।୪(ସମିସ): ତୁଳସୀଚଉରାର ଶିଶୁ ବିକାଶ ବିଦ୍ୟାମନ୍ଦିରର ନବମ ବାର୍ଷିକ ଉତ୍ସବ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟଜ୍ୟୋତି ଟ୍ରଷ୍ଟ ଆନୁକୂଲ୍ୟରେ ପରିଚାଳିତ ଏହି ବିଦ୍ୟାଳୟର ଉକ୍ତ ଉତ୍ସବରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁମନ୍ଦିର, ବେଗନା ଡିହା (କାଣି ମହୁଲି), ସରସ୍ୱତୀ ଶିଶୁମନ୍ଦିର ସାନଦେଉଳି ଓ ତେଜସ ଇଣ୍ଟରନ୍ୟାସନାଲ ସ୍କୁଲ (ଦେଉଳି) ଅଂଶଗ୍ରହଣ କରିଥିଲେ। ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ବାରିପଦା ବିଡିଓ ଦେବେନ୍ଦ୍ର ବଳ, ତହସିଲଦାର ସପନ ସାହୁ, ଡ ଅସୀମ କୁମାର ଚକ୍ରବର୍ତ୍ତୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ପରିଚାଳନା ଟ୍ରଷ୍ଟର ନିର୍ଦ୍ଦେଶକ ବିନାୟ ମାଣ୍ଡଇ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମହେଶ୍ୱର ଦଳେଇ ସମସ୍ତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଛାତ୍ରଛାତ୍ରୀଙ୍କ ନୃତ୍ୟ, ସଙ୍ଗୀତ, ଅଭିଭାଷଣ ଓ ସାଧାରଣ ଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ। ପରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରାନ୍ତସ୍ତରୀୟ ଗୁରୁଜୀ ବିଷ୍ଣୁ ଚରଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସେବା ଯୋଜନା ଶିବିର

ରାଇରଙ୍ଗପୁର, ୪।୪(ସମିସ): ରାଇରଙ୍ଗପୁର ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସସ୍ମିତା ଟୁଡୁଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଶିବିର ସପ୍ତାହକ ଧରି ଆୟୋଜିତ ହୋଇଯାଇଛି। ଏଥିରେ ୫୦ ଜଣ ସ୍ୱେଚ୍ଛାସେବୀ, ପୋଷ୍ୟଗ୍ରାମ ଧଳାଡ଼ିହି ଗ୍ରାମବାସୀ ସମାଜସେବା, ସଚେତନତା ଓ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ରାଇରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋହର ବାରିକ ଏନ୍‌ଏସ୍‌ଏସ୍ ପତାକା ପ୍ରଦର୍ଶନ କରି ଶିବିର ଉଦଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀ ପୋଷ୍ୟ ଗ୍ରାମକୁ ଯାଇ ସାମାଜିକ ଓ ଆର୍ଥିକ ସର୍ବେକ୍ଷଣ କରିଥିଲେ। ଦ୍ୱିତୀୟ ଦିବସରେ ଗ୍ରାମ ସଫେଇ ଅଭିଯାନ ଆୟୋଜିତ ହୋଇଥିଲା। ଜିଲ୍ଲା ପରିଷଦ ସଭ୍ୟ ସଚ୍ଚିଦାନନ୍ଦ ମହାନ୍ତ ମଧ୍ୟ ସେଠାରେ ଉପସ୍ଥିତ ରହି ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଥିଲେ। ଏହି ଶିବିରରେ ଓଡ୍ରାଫ ଟିମ୍ ନିର୍ଦ୍ଦେଶକ ଅରୁଣ କୁମାର ମହାନ୍ତ ଯୋଗ ଦେଇଥିଲେ। ସେ ଆପଦ ପରିଚାଳନା ବିଷୟରେ ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀଙ୍କୁ ତାଲିମ ଦେଇଥିଲେ। ପଞ୍ଚମ ଦିନରେ ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡା ପାର୍ଥ ସାରଥି ମହାରଣାଙ୍କ ସହଯୋଗରେ ଏକ ସ୍ୱାସ୍ଥ୍ୟ ଶିବିର ଧଳାଡ଼ିହି ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ଜଣ ଗ୍ରାମବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଇଥିଲା। ଷଷ୍ଠ ଦିନରେ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ରାଇରଙ୍ଗପୁର ଥାନା ଅଧିକାରୀଙ୍କ ଦ୍ୱାରା ଆୟୋଜିତ ହୋଇ ସ୍ୱେଚ୍ଛାସବୀ ଓ ଗ୍ରାମବାସୀ ସଚେତନ ହୋଇଥିଲେ। ସପ୍ତମ ଦିନ ଏପ୍ରିଲ ପହିଲାରେ ଏହି ସ୍ୱତନ୍ତ୍ର ଶିବିର ସମାପ୍ତ ହୋଇଥିଲା। ଇତିହାସ ବିଭାଗର ପ୍ରାଧ୍ୟାପକ ଆଦିତ୍ୟ କୁମାର ଆଚାର୍ଯ୍ୟ, ଅଧ୍ୟାପକ କ୍ଷୀରୋଦ କୁମାର ତୁର୍କ, କାର୍ଯ୍ୟକ୍ରମ ଅଧିକାରୀ ସସ୍ମିତା ଟୁଡୁ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ବଣ୍ଟନ କରି ଥିଲେ।

## ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୋପବନ୍ଧୁନଗର/ଉଦଳା, ୪।୪(ସମିସ): ବହୁବନ୍ଧସ୍ଥ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ବ୍ରଜମୋହନ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସ୍କାଉଟ ଗାଇଡ ଛାତ୍ରୀ ପ୍ୟାରେଡ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ନୃତ୍ୟର ତାଳେ ତାଳେ ଅତିଥିଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ। ମୁଖ୍ୟଅତିଥି ଭାବେ କାପ୍ତିପଦା ଉପଖଣ୍ଡର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ସ୍ୱତନ୍ତ୍ର ଅତିଥି ଭାବେ ଭଦ୍ରକ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଯତୀନ ମହାକୁଡ଼, ମୁଖ୍ୟବକ୍ତା ଭାବେ ମେଘାସନ ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ପ୍ରାଧ୍ୟାପକ ଡ. ରମେଶ ନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ମନମୋହନ ମହାପାତ୍ର, ପ୍ରଦୀପ ପଶା, ପୂର୍ବତନ ପ୍ରଧାନଶିକ୍ଷକ ଅକ୍ଷୟ ପ୍ରଧାନ, ବହୁବନ୍ଧ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରତିଭା ମଞ୍ଜରୀ ପରିଡ଼ା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଶ୍ରାଏ ମୁର୍ମୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ବହୁବନ୍ଧ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅତିଥିମାନେ ବିଦ୍ୟାଳୟର କୃତୀ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥଲେ। ଶେଷରେ ଅନୁଷ୍ଠାନର ସଂସ୍କୃତ ଶିକ୍ଷୟିତ୍ରୀ ଶ୍ରୀମତୀ ଅନୁରାଧା ବେହେରା ମଞ୍ଚାସୀନ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରାଧାକୃଷ୍ଣ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପୁରୁଣିଆ, ୪।୪(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆସ୍ଥ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ହେମପୁର ହାଇସ୍କୁଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଗବନ୍ଧୁ ଜେନା ଦୀର୍ଘ ୬ ବର୍ଷ ଧରି ଏହି ବିଦ୍ୟାଳୟରେ ଡେପୁଟେସନରେ ନିଷ୍ଠାର ସହ କାର୍ଯ୍ୟ କରିବା ପରେ ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ସୁଧାକର ପରିଡ଼ା, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଗିରିଜା ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ବହୁ ପୁରାତନ ଶିକ୍ଷକ ଓ କର୍ମଚାରୀ ଯୋଗଦେଇ ଶ୍ରୀ ଜେନାଙ୍କ ସହ ବିତାଇଥିବା ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ଜେନାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏ ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## କିସ୍ ମୟୂରଭଞ୍ଜରେ ଓଡ଼ିଶା ଦିବସ



ବାରିପଦା, ୪।୪(ସମିସ):ମୟୂଭଞ୍ଜର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ (କିସ୍) ଠାରେ ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କ ପ୍ରେରଣା କ୍ରମେ ଓଡ଼ିଶା ଦିବସ ପ୍ରଧାନଶିକ୍ଷକ ଗଣେଶ ମିଶ୍ରଙ୍କ ପୌରୋହିତ୍ୟରେ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରାଯାଇଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରପୁତ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସେମାନଙ୍କ ନବ ଉତ୍କଳ ନିର୍ମାଣରେ ତ୍ୟାଗ ଓ ଅବଦାନ ବିଷୟରେ ପ୍ରଧାନଶିକ୍ଷକଙ୍କ ସମେତ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ଆଲୋଚନା କରିଥଲେ। ଛାତ୍ରୀମାନେ ନିଜ ନିଜ ଅଭିଭାଷଣ ଜରିଆରେ ଓଡ଼ିଶାର ସାମଗ୍ରିକ ବିକାଶ କଥା ଉଲ୍ଲେଖ କରିଥିଲେ। ଓଡ଼ିଶା ଦିବସ ଉପଲକ୍ଷେ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂସ୍କୃତ ଶିକ୍ଷକ ଚକ୍ରଧର ମହାନ୍ତ, ୱାର୍ଡେନ ମାହି ଟୁଡୁ, ଚମ୍ପାମଣି ସୋରେନ, ବିଷ୍ଣୁପ୍ରିୟା ନାଏକ, ସୁନାରାମ ହେମ୍ବ୍ରମ, ଭୂପତି ସିଙ୍କୁ, ଅଭିରାମ ସୋରେନ, ତରଣୀସେନ୍ ସମାଡ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ଚକ୍ରଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

ମହୁଲଡିହା, ୪।୪(ସମିସ):ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଗୋବରଜଡ଼ା ନଦୀ ପୋଲ ଆଗ ବାଙ୍କରେ ବାଇକ୍ ଚାଳକ ଭାରସାମ୍ୟ ହରାଇ ଶାଳଗଛକୁ ଧକ୍କା ଦେଇ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଆହତ ଯୁବକ ହେଉଛନ୍ତି ମହୁଲଡିହା ଥାନା ଚମ୍ପାଝର ପଞ୍ଚାୟତ କିରିକିଚିପାଳ ହୋ ସାହିର ପାଣ୍ଡୁ ନାଏକଙ୍କ ପୁଅ ମାଣିକ। ସେ ଠାକୁରମୁଣ୍ଡାରୁ ବାଇକରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଛି। ଏ ସମୟରେ ବାରିପଦାରୁ ଫେରୁଥିବା ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଆହତଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମାଣିକଙ୍କ ବାମ ହାତ ଭାଙ୍ଗିଯାଇଥିବାବେଳେ ମୁଣ୍ଡରେ ଆଘାତ ଲାଗିଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

# ଅନାବିଳ ପ୍ରେମ; କୁକୁର ପିଠିରେ ମାଙ୍କଡ଼ ଛୁଆ

କପ୍ତିପଦା, ୪।୪(ସମିସ): ଦେଶ ଭିତରେ ଶତ୍ରୁତା, ଜାତି ଜାତି ଭିତରେ ଶତ୍ରୁତା, ଆମେରିକା ଓ ଇରାନ ଭିତରେ ଶତ୍ରୁତା, ଭାରତ ଓ ପାକିସ୍ତାନ ମଧ୍ୟରେ ଶତ୍ରୁତା। କେଉଁଠି ନିଜର ଅହଙ୍କାର ପାଇଁ ତ କେଉଁଠି ନିଜର ହକ୍ ପାଇଁ ମଣିଷ ମଣିଷ ଭିତରେ ଶତ୍ରୁତା ପାଇଁ ଅକାରଣେରେ ଯାଉଛି ଲକ୍ଷ, ଲକ୍ଷ ଜୀବନ। ନିଜ ସ୍ୱାର୍ଥ ପାଇଁ ମଣିଷ ହୋଇଯାଉଛି ପଶୁ। ଜଙ୍ଗଲରେ ରହୁଥିବା ପଶୁ କାହାରି ଇଙ୍ଗିତରେ ଚାଲେନାହିଁ। ନିଜର ଅହଙ୍କାର ପାଇଁ ଲଢେଇ କରେନି। କେବଳ ନିଜର ପେଟ ପାଇଁ ତା'ର ଲଢେଇ। କିଏ ତୃଣଭୋଜି ତ କିଏ ମାଂସାସୀ। ବାଘଟିଏ ହରିଣ ଶିକାର କଲାବେଳେ ତୃଣ ଭୋଜିଟି ଫଳମୂଳ ସଂଗ୍ରହ କରି ଜୀବନଯାପନ କରେ। କେବଳ ପେଟ ପାଇଁ ଶିକାର କରେ। ଏ ହେଉଛି ସୃଷ୍ଟିର ନିୟମ। ଏ କଥାକୁ ଭୁଲ୍ ପ୍ରମାଣ କରିଛି ପଶୁ ସମାଜରେ ବି ମାନବିକତା ଅଛି। ଗୋଟିଏ ମାଂସାସୀ ଗୋଟିଏ ତୃଣ ଭୋଜିକୁ ଖାଦ୍ୟ ଭାବେ ଗ୍ରହଣ ନ କରି ନିଜର ସନ୍ତାନ ଭଳି ପାଳୁଥିବାରୁ ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି। ମାଆର ମମତା ନିକଟରେ ଶତ୍ରୁତା ହାର ମିଳିଛି। ନିଜର ଖାଦ୍ୟକୁ ପିଠିରେ ପକାଇ, ନିଜର ସ୍ତନ୍ୟପାନ କରାଇ ନିଜ ପିଲା ଭଳି ପ୍ରତିପୋଷଣ କରୁଥିବା କୁକୁରଟିଏ ସାଜିଛି ମଣିଷ ସମାଜର ପାଇଁ ଉଦାହରଣ।



ଏଭଳି ଦୃଶ୍ୟ କାଳ୍ପନିକ ନୁହଁ, ବରଂ ସତ୍ୟ ଘଟଣା। ମାଆର ମମତା ଆଗରେ ଶତ୍ରୁତା ହାର ମାନିକାର ଏ ଦୃଶ୍ୟ ହେଉଛି କପ୍ତିପଦା ବ୍ଲକ ଉପିସାହୀ ସାପ୍ତାହିକ ହାଟ ନିକଟରେ ଥିବା ଏକ କୁକୁର ଓ ମାଙ୍କଡର କାହାଣୀ। ଘଟଣାରୁ ଜଣାପଡ଼ିଛି କି ଜଙ୍ଗଲ ଭିତରେ ଛୋଟ ମାଙ୍କଡ ପିଲାଟି ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲା। କୁକୁର ନିଜ ପିଲାଙ୍କ ସହ ଖାଦ୍ୟ ଅନ୍ୱେଷଣରେ ଯାଉଥିବାବେଳେ ମାଙ୍କଡ ପିଲାର ଏଭଳି ଅବସ୍ଥା ଦେଖି ନିଜ ଜିଭ ଲଗାଇ ତା' ଦେହରେ ଲାଗିଥିବା ଧୂଳି ସଫାକରି କ୍ଷୀର ପିଆଇ ଥିଲା। କିଛି ସମୟ ପରେ ମାଙ୍କଡ ପିଲାଟି ନୂତନ ଜୀବନ ଫେରି ପାଇଥିଲା। ନିଜର ମା'ଭାବି କୁକୁରକୁ ଜାବୁଡ଼ି ଧରିଥିଲା। କୁକୁର ତାକୁ ପିଠିରେ ପକାଇ ନିଜର ରହିବା ଯାଗାକୁ ନେଇ ଆସିଥିଲା। ବିଚରା ମାଙ୍କଡ ପିଲାଟି କୁକୁର କ୍ଷୀର ପିଇ ନିଜ ମା'ଭାବି ତା' ପିଠି ଉପରେ ଆରାମରେ ଶୋଇଗଲା। ଏବେ କୁକୁରଟି ନିଜ ପିଲାଙ୍କ ମମତା ଭୁଲି ମାଙ୍କଡ ପିଲାକୁ ପିଠିରେ ଧରି ବୁଲିବା ଦେଖିବାକୁ ମିଳୁଛି। ସମୟ ସମୟରେ ଭୋକ ଲାଗିଲେ ମାଙ୍କଡ ପିଲାଟି ତଳକୁ ଓଲିପଡ଼ି କ୍ଷୀର ପିଉଛି। ଏ ଦୃଶ୍ୟ ଦେଖି ଲୋକମାନେ କୁକୁରକୁ ବିସ୍କୁଟ ଖାଇବାକୁ ଦେଉଛନ୍ତି। ମା'ର ମମତା ପାଖରେ ପଶୁ ପ୍ରକୃତି ବି ନଷ୍ଟ ହୋଇଯାଇଛି। କୁକୁରଟା ସ୍ୱାର୍ଥାନ୍ଧ ମଣିଷଙ୍କୁ କହୁଛି ଆରେ ମଣିଷ, ନିଜର ଅହଙ୍କାର ଭୁଲି ଭଲ ପାଇବା ଶିଖ। ନିଜ ପିଲାଙ୍କୁ ପ୍ରେମ, ସ୍ନେହ କର। ମମତା ଡୋରିରେ ଏ ଜଗତକୁ ବାନ୍ଧି ରଖ।

## କୁଳିଅଣା ବିଦ୍ୟାଳୟରେ ପ୍ରବେଶ ଉତ୍ସବ



କୁଳିଅଣା, ୪।୪(ସମିସ): ଶନିବାର କୁଳିଅଣା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳିଅଣା ବିଇଓ ରଶ୍ମିରଞ୍ଜନ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସରସ୍ୱତୀ ସିଂ, ଏବିଇଓ ଗୌରୀମଣି ସେଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବତୀଲତା କର, ଏସଏମସି ଅଧ୍ୟକ୍ଷ ଜୟଦେବ ବସା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଶିକ୍ଷକ ହାଡ଼ିବନ୍ଧୁ ଜେନା ମଞ୍ଚ ପରିଚାଳନା କରିଥିଲେ। ଶିଶୁବାଟିକା ଶ୍ରେଣୀରେ ଆଜି ୨୦ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଫୁଲ ଚନ୍ଦନ ଓ ମାଗଣା ରଙ୍ଗ ପୁଟୁଳି ଦେଇ ଖଡ଼ି ଛୁଆଇଁଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଏସଏମସି ସଭ୍ୟସଭ୍ୟା, ପିତାମାତା ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

